ରାମ ସହନ ରାୟ

*ବନାମ*

ସଚିଭ ସାମାନ୍ୟ ପ୍ରବନ୍ଧକ ଏବଂ ଅନ୍ୟଜଣେ

ଫେବୃଆରୀ 21, 2001

[ଜି. ବି. ପଟ୍ଟନାୟକ ଏବଂ ବି. ଏନ୍. ଅଗ୍ରୱାଲ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ*

*ଭାରତର ସମ୍ବିଧାନ- ଅନୁଚ୍ଛେଦ 12- ଜିଲ୍ଲା ସମବାୟ ବ୍ୟାଙ୍କ- ରାଜ୍ୟର ଏକ ଅନୁଷ୍ଠାନ- କର୍ମଚାରୀଙ୍କ ଦ୍ୱାରା ବରଖାସ୍ତ ଆଦେଶ- ଆଇନର ବାଧ୍ୟତାମୂଳକ ବ୍ୟବସ୍ଥା ପାଳନ ନକରିବା- ଅବୈଧ ନିର୍ଣ୍ଣୟ ହୋଇଛି ।*

*ଦେୱାନୀ କାର୍ଯ୍ୟବିଧି ସଂହିତା 1908- ନିର୍ଦ୍ଦିଷ୍ଟ ନିଦାନ ଆଇନ 1963- ବ୍ୟକ୍ତିଗତ ସେବା ଚୁକ୍ତିନାମା କାର୍ଯ୍ୟକାରୀ କରିବା ପାଇଁ ମକଦ୍ଦମା- ନିର୍ଣ୍ଣୟ ହୋଇଛି, ବାଧାପ୍ରାପ୍ତ ନହୋଇ ଯେତେବେଳେ ବରଖାସ୍ତ ଆଦେଶ ପ୍ରାକୃତିକ ନ୍ୟାୟର ଚରମ ଉଲ୍ଲଂଘନରେ ପାରିତ ହୋଇଥାଏ ।*

**ଆବେଦନକାରୀ ନିଜ ଚାକିରିରୁ ବହିଷ୍କାର ଆଦେଶକୁ ବେଆଇନ, ମନମୁଖୀ, ନିରର୍ଥକ ଏବଂ କ୍ଷମତା ବହିର୍ଭୂତ ଦର୍ଶାଇ, ତାହାକୁ ରଦ୍ଦ କରିବା ପାଇଁ ଏବଂ ସେ ଚାକିରିରେ ଅଛନ୍ତି ବୋଲି ଘୋଷଣା କରିବା ସହ ଅନ୍ୟାନ୍ୟ ସମସ୍ତ ପରିଣାମୀ ସୁବିଧା ପାଇବା ପାଇଁ ଏକ ଘୋଷଣାମୂଳକ ମକଦ୍ଦମା ଦାଖଲ କରିଛନ୍ତି । ସେ ଯୁକ୍ତି କରିଥିଲେ ଯେ, ସେ ପ୍ରତିବାଦୀ ସଂଖ୍ୟା 2 ଙ୍କ ବ୍ୟାଙ୍କରେ ଜଣେ କିରାଣି ଭାବରେ ନିଯୁକ୍ତ ହୋଇଥିଲେ ଏବଂ ହିସାବ ଉପ-ବିଭାଗରେ କାର୍ଯ୍ୟରତ ଥିଲେ, ଯେତେବେଳେ ସେ ଛୁଟିରେ ଥିଲେ ଏବଂ 'V' ନାମକ ଜଣେ ବ୍ୟକ୍ତିଙ୍କୁ ନିଜର ଦାୟିତ୍ୱ ହସ୍ତାନ୍ତର କରି ବ୍ୟାଙ୍କରୁ ଯାଇଥିଲେ, ସେହି ସମୟରେ କାର୍ଯ୍ୟକାରୀ ସମ୍ପାଦକ, ଯାହାଙ୍କର କୌଣସି ଅଭିଯୋଗ ଆଣିବାର କ୍ଷମତା ନଥିଲା, ସେ ତାଙ୍କ ବିରୁଦ୍ଧରେ କିଛି ଗୁରୁତର ଅଭିଯୋଗ ଆଣିଥିଲେ, ସେଥିରେ ବେଆଇନ ଭାବେ କାର୍ଯ୍ୟରେ ଅନୁପସ୍ଥିତ ରହିବା ଭଳି ସଙ୍ଗିନ ଆରୋପ ଲଗାଯାଇଥିଲା ଏବଂ ଶେଷରେ ଏହା ଦର୍ଶାଯାଇଥିଲା ଯେ, କୌଣସି ପ୍ରକାରର ତଦନ୍ତ ନକରି ଏବଂ ବାଦୀଙ୍କୁ ନିଜର ପକ୍ଷ ରଖିବା ପାଇଁ ସୁଯୋଗ ନଦେଇ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଚାକିରିରୁ ବାହାର କରିଦିଆଯାଇଛି । ପ୍ରତିବାଦୀ ସଂଖ୍ୟା 2 ଏକ ଲିଖିତ ଜବାବ ଦାଖଲ କରିଛନ୍ତି, ଯେଉଁଥିରେ ସେ ଅର୍ଜିରେ ଥିବା ଦାବିଗୁଡ଼ିକୁ ଅସ୍ୱୀକାର କରିଛନ୍ତି ଏବଂ ଆହୁରି କହିଛନ୍ତି ଯେ ବିନା ଅନୁମତିରେ କାର୍ଯ୍ୟରୁ କ୍ରମାଗତ ଅନୁପସ୍ଥିତି ଏକ ବଡ଼ ଧରଣର ଦୁର୍ବ୍ୟବହାର ଅଟେ, ଯାହା ବିଚାର ପ୍ରକ୍ରିୟାରେ ପ୍ରମାଣିତ ହୋଇଛି, ତେଣୁ ଚାକିରିରୁ ବହିଷ୍କାର ନିର୍ଦ୍ଦେଶଟି ବୈଧ ଅଟେ । ପ୍ରତିବାଦୀ ସଂଖ୍ୟା 2 କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିନଥିଲେ ।ଶେଷରେ ଏହି ମକଦ୍ଦମାକୁ ଖାରଜ କରାଯାଇଥିଲା । ଆବେଦନକାରୀ ଏକ ଆବେଦନ ଆଗତ କରିଥିଲେ ଏବଂ ଯଦିଓ ପ୍ରତିବାଦୀଙ୍କୁ ଡାକରା ସେବା ଦିଆଯାଇଥିଲା, ସେମାନେ କଦାପି ପ୍ରତିଦ୍ୱନ୍ଦ୍ୱିତା କରିନଥିଲେ ଏବଂ ଶେଷରେ ଆବେଦନଟିର ଏକତରଫା ଶୁଣାଣି ହୋଇଥିଲା । ନିମ୍ନ ଅପିଲିୟ ଅଦାଲତ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ ଯେ କାର୍ଯ୍ୟନିର୍ବାହୀ ସମ୍ପାଦକଙ୍କର ବହିଷ୍କାର ଆଦେଶ ପାରିତ କରିବାର କ୍ଷମତା ନାହିଁ, କିନ୍ତୁ ଏହା ନିର୍ଣ୍ଣୟ ହୋଇଛି ଯେ ଯେହେତୁ ଚାକିରିରୁ ବହିଷ୍କାର ଆଦେଶଟି ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କୌଣସି ଗୁରୁତର ଦୁର୍ବ୍ୟବହାର ଅଭିଯୋଗ ଉପରେ ଆଧାରିତ ଏବଂ ଏହା ତାଙ୍କ**

ସମ୍ମାନରେ ଆଞ୍ଚ ଆଣୁଛି, ତେଣୁ କର୍ତ୍ତୃପକ୍ଷଙ୍କ ପାଇଁ ଏକ ବଡ଼ ଧରଣର ଦଣ୍ଡ ପ୍ରଦାନ କରିବା ନିମନ୍ତେ ଉଦ୍ଦିଷ୍ଟ ଆଇନଗତ ପ୍ରକ୍ରିୟା ଅନୁସରଣ କରିବା ବାଧ୍ୟତାମୂଳକ ଥିଲା, କିନ୍ତୁ ଏହି କ୍ଷେତ୍ରରେ, କର୍ମଚାରୀଙ୍କୁ କୌଣସି ଅଭିଯୋଗ ଫର୍ଦ୍ଦ ଦିଆଯାଇନଥିଲା କିମ୍ବା କାରଣ ଦର୍ଶାଅ ନୋଟିସ୍ ଦିଆଯାଇନଥିଲା, ଏହା ଦ୍ୱାରା ପ୍ରାକୃତିକ ନ୍ୟାୟ ଏବଂ ନିରପେକ୍ଷତାର ନିୟମ ଉଲ୍ଲଂଘନ ହୋଇଛି, ତେଣୁ, ଏହି ବହିଷ୍କାର ଆଦେଶଟି ବେଆଇନ, ଅବୈଧ ଏବଂ ଅକାମୀ ଅଟେ, ଯାହାକୁ କାୟମ ରଖାଯାଇପାରିବ ନାହିଁ । ଏହାପରେ ଉତ୍ତରଦାତା-ବ୍ୟାଙ୍କ ଦ୍ୱିତୀୟ ଆବେଦନରେ ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ । ଦ୍ୱିତୀୟ ଅପିଲିୟ ଅଦାଲତ ଯଦିଓ ନିମ୍ନ ଅପିଲିୟ ଅଦାଲତଙ୍କ ସିଦ୍ଧାନ୍ତ ସହିତ ସହମତ ହୋଇଥିଲେ, ନିମ୍ନ ଅପିଲିୟ ଅଦାଲତଙ୍କ ରାୟ ଏବଂ ବିଚାରାଦେଶକୁ ଏହି ସିଦ୍ଧାନ୍ତ ଅନୁଯାୟୀ ଅଗ୍ରାହ୍ୟ କରିଦେଇଥିଲେ ଯେ ଏହି ନ୍ୟାୟାଳୟର ପୂର୍ବ ନିଷ୍ପତ୍ତିକୁ ଆଧାର କରି ଏହି ପରି ଏକ ମକଦ୍ଦମା ଦେୱାନୀ ଅଦାଲତରେ ଅନୁରକ୍ଷଣୀୟ ନୁହେଁ ବୋଲି ଧରାଯିବା ଉଚିତ । ଏହି ଅଦାଲତରେ ଆବେଦନ କରିବା ସମୟରେ ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ, ଉତ୍ତର ପ୍ରଦେଶ ରାଜ୍ୟ ସମବାୟ ଭୂମି ବିକାଶ ବ୍ୟାଙ୍କକୁ ଅଦାଲତ ପୂର୍ବରୁ ରାଜ୍ୟର ଏକ ଅନୁଷ୍ଠାନ ଏବଂ ସମ୍ବିଧାନର ଅନୁଚ୍ଛେଦ **12** ଅନୁଯାୟୀ ଏକ କର୍ତ୍ତୃପକ୍ଷ ଭାବେ ଗ୍ରହଣ କରିଛନ୍ତି ଏବଂ ଏହା ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ଏହାର କର୍ମଚାରୀଙ୍କ ସେବା ସର୍ତ୍ତାବଳୀ, ବିଶେଷ କରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧୀୟ ନିୟମଗୁଡ଼ିକ ବୈଧାନିକ ଅଟେ, ଯଦି ଏହିପରି ଏକ ବ୍ୟାଙ୍କର କୌଣସି କର୍ମଚାରୀଙ୍କୁ ଚାକିରିରୁ ବାହାର କରିବା ଆଦେଶ ପ୍ରାକୃତିକ ନ୍ୟାୟର ନୀତି ଉଲ୍ଲଂଘନ କରି ଏବଂ ଆଇନଗତ ପ୍ରକ୍ରିୟା ଅନୁସରଣ ନକରି ଦିଆଯାଇଥାଏ, ତେବେ ସେହି ଆଦେଶ ଆଇନତଃ ଅବୈଧ ଅଟେ, ତେଣୁ, ଚାକିରି ଏକ ପ୍ରକାର ଚୁକ୍ତି ହୋଇଥିଲେ ମଧ୍ୟ କର୍ମଚାରୀଙ୍କ ଅଧିକାର ସାବ୍ୟସ୍ତ କରାଯାଇପାରିବ, ବାଦୀ ଏବଂ ପ୍ରତିବାଦୀ-ବ୍ୟାଙ୍କ ମଧ୍ୟରେ ସମ୍ପର୍କ ବୈଧାନିକ ସଂସ୍ଥା ଅଧୀନରେ ଏକ ନିଯୁକ୍ତି ଅଟେ, ଯେହେତୁ ସେହି ବୈଧାନିକ ସଂସ୍ଥା ଆଇନଗତ ବାଧ୍ୟତାମୂଳକ ନିୟମକୁ ଉଲ୍ଲଂଘନ କରିଛି, ତେଣୁ ଚୂଡ଼ାନ୍ତ ଆଦେଶଟି ଅବୈଧ ଏବଂ ବାଦୀ ଆବଶ୍ୟକ କରୁଥିବା ଘୋଷଣା ପାଇବାକୁ ଯୋଗ୍ୟ, ଉଚ୍ଚ ନ୍ୟାୟାଳୟ ନିମ୍ନ ଅପିଲିୟ ଅଦାଲତଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କରି ଗୁରୁତର ତ୍ରୁଟି କରିଛନ୍ତି ଏବଂ ପ୍ରାକୃତିକ ନ୍ୟାୟର ନୀତି ପାଳନ ନକରିବା ଏବଂ ପ୍ରମୁଖ ଦଣ୍ଡବିଧାନ ପାଇଁ ଥିବା ପ୍ରକ୍ରିୟା ଅନୁସରଣ ନକରିଥିବାରୁ, ବହିଷ୍କାର ଆଦେଶଟି ଅବୈଧ ଏବଂ ଏହା ଆଇନଗତ ଭାବେ ଅସିଦ୍ଧ ଅଟେ । ଉତ୍ତରଦାତା ଯୁକ୍ତି ବାଢିଥିଲେ ଯେ, ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ମଧ୍ୟରେ ଥିବା ସମ୍ପର୍କ ସମ୍ପୂର୍ଣ୍ଣ ଚୁକ୍ତିଭିତ୍ତିକ ଅଟେ, ତେଣୁ, ଚାକିରିରୁ ବରଖାସ୍ତ ଆଦେଶ ବେଆଇନ ହୋଇଥିଲେ ମଧ୍ୟ ଦେୱାନୀ ଅଦାଲତ ଏହାକୁ କାର୍ଯ୍ୟକାରୀ କରାଇପାରିବେ ନାହିଁ, ତେଣୁ, ଦେୱାନୀ ଅଦାଲତ ଚାକିରି ଚୁକ୍ତିର ନିର୍ଦ୍ଦିଷ୍ଟ ନିଦାନ ମଞ୍ଜୁରୀ ଦେଇପାରିବେ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ଯେଉଁ ନିର୍ଣ୍ଣୟ ନେଇଛନ୍ତି, ତାହା ଯୁକ୍ତିଯୁକ୍ତ ଥିଲା ।

ଆବେଦନର ଫଏସଲା କରି ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: **1.** ନିୟମାବଳୀ, ଉପ-ନିୟମ ଏବଂ ବ୍ୟବସ୍ଥାଗୁଡ଼ିକର ବିଭିନ୍ନ ଦିଗକୁ ପରୀକ୍ଷା କଲେ ସ୍ପଷ୍ଟ ଭାବରେ ଜଣାପଡେ ଯେ, ରାଜ୍ୟ ସରକାର ଉତ୍ତରଦାତା ବ୍ୟାଙ୍କ ଏବଂ ଏହାର କର୍ମଚାରୀମାନଙ୍କ ଉପରେ ସର୍ବାଧିକ ନିୟନ୍ତ୍ରଣ ରଖନ୍ତି ଏବଂ ଏହି କର୍ମଚାରୀମାନଙ୍କ ସେବା ସର୍ତ୍ତାବଳୀ, ବିଧିଗତ ନିୟମ ଦ୍ୱାରା ପରିଚାଳିତ ହୁଏ, ଯେଉଁଥିରେ ଦୋଷୀ କର୍ମଚାରୀଙ୍କୁ କାରଣ ଦର୍ଶାଇବା ଏବଂ ଶୁଣାଣିର ସୁଯୋଗ ଦେବାର ଆବଶ୍ୟକତାକୁ ପାଳନ କରିବା ପରେ, ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଉପଯୁକ୍ତ ଦଣ୍ଡ ବିଧାନ କରିବା ପର୍ଯ୍ୟନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମଗ୍ର ପ୍ରକ୍ରିୟାକୁ ନିର୍ଦ୍ଧାରଣ କରେ । ଉତ୍ତରଦାତା ବ୍ୟାଙ୍କ ନିଃସନ୍ଦେହରେ ରାଜ୍ୟର ଏକ ଅନୁଷ୍ଠାନ ଅଟେ ।

*ୟୁ. ପି. ରାଜ୍ୟ ସମବାୟ ଭୂମୀ ବିକାଶ ବ୍ୟାଙ୍କ ଲିମିଟେଡ ବନାମ ଚନ୍ଦ୍ର ଭାନ ଦୁବେ ଏବଂ ଅନ୍ୟମାନେ,* **[1999] 1** ଏସସିସି **741,** ମାମଲାକୁ ଉଲ୍ଲେଖ କରାଯାଇଛି ।

**2. ଥରେ ଏହା ନିର୍ଣ୍ଣୟ ହୋଇଛି ଯେ ପ୍ରତିବାଦୀ ଏକ ବୈଧାନିକ ସଂସ୍ଥା ଏବଂ ଏକ ରାଜ୍ୟ ଅଟେ ଏବଂ ଜଣେ କର୍ମଚାରୀଙ୍କୁ ବରଖାସ୍ତ କରିବାର ଆଦେଶ ପାରିତ କରିବା ପ୍ରସଙ୍ଗରେ, ଏହା ନିୟମ ଏବଂ ନିୟମାବଳୀର ବାଧ୍ୟତାମୂଳକ ବ୍ୟବସ୍ଥାଗୁଡ଼ିକୁ ପାଳନ କରିନଥିଲା ଏବଂ ଏହି ଆଦେଶ ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତର ଘୋର ଉଲ୍ଲଙ୍ଘନରେ ପାରିତ ହୋଇଥିଲା, ତା 'ପରେ ବ୍ୟକ୍ତିଗତ ସେବା ଚୁକ୍ତି, ସାଧାରଣତଃ ନିର୍ଦ୍ଦିଷ୍ଟ ଭାବରେ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ସାଧାରଣ ସିଦ୍ଧାନ୍ତର ତୃତୀୟ ବ୍ୟତିକ୍ରମ ଲାଗୁ ହେବ, ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଉପସଂହାରକୁ ବର୍ତ୍ତମାନର ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ତ୍ରୁଟିପୂର୍ଣ୍ଣ ବୋଲି ଧରାଯିବ ।**

*ଏସ୍. ଆର୍. ତିୱାରୀ ବନାମ ଜିଲ୍ଲା ବୋର୍ଡ, ଆଗ୍ରା, 196 ବୈଶ କଲେଜର କାର୍ଯ୍ୟ ନିର୍ବାହୀ ସମିତି; ଶାମଲି ଏବଂ ଅନ୍ୟମାନେ ବନାମ ଲକ୍ଷ୍ମୀ ନାରାୟଣ ଏବଂ ଅନ୍ୟମାନେ,* **[1976] 2** ଏସସିସି **58** ଏବଂ ସିର୍ସି ପୌରପାଳିକା, ମାମଲା **[1973] 1** ଏସସିସି **409** ମାମଲା ଉପରେ ନିର୍ଭର କରାଯାଇଥିଲା ।

*ସମନ୍ୱିତ ଗ୍ରାମୀଣ ବିକାଶ ସଂସ୍ଥା ବନାମ ରାମ ପ୍ୟାରେ ପାଣ୍ଡେ,* **[1995]** ଏସୟୁପିପି. **2** ଏସସିସି **495,** ମାମଲାକୁ ବୈଶିଷ୍ଟ୍ୟତା ପ୍ରଦାନ କରାଯାଇଛି **।**

**3. ଉଚ୍ଚ ନ୍ୟାୟାଳୟ, ନିମ୍ନ ଅପିଲିୟ ନ୍ୟାୟାଳୟଙ୍କ ରାୟ ଏବଂ ବିଚାରାଦେଶରେ ହସ୍ତକ୍ଷେପ କରି ଆଇନର ଗୁରୁତର ତ୍ରୁଟି କରିଛନ୍ତି । ଦ୍ୱିତୀୟ ଆବେଦନ ସଂଖ୍ୟା 683/1996 ରେ ପ୍ରଦାନ କରାଯାଇଥିବା ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟ ଏବଂ ବିଚାରାଦେଶକୁ ଅଗ୍ରାହ୍ୟ କରାଯାଇଛି ଏବଂ ପ୍ରଥମ ଅତିରିକ୍ତ ଜିଲ୍ଲା ବିଚାରପତି, ଗାଜିପୁରଙ୍କ ବିଚାରାଦେଶକୁ ନିଶ୍ଚିତ କରାଯାଇଛି ଏବଂ ଶେଷରେ ମକଦ୍ଦମାରେ ବିଚାରାଦେଶ ପ୍ରଦାନ କରାଯାଇଛି ।**

**[କୋର୍ଟ ଅନୁଭବ କରିଛନ୍ତି ଯେ, ଯଦିଓ ବାଦୀଙ୍କୁ ଚାକିରିର ନିରନ୍ତରତା ଏବଂ ଏହିପରି ନିରନ୍ତରତାରୁ ମିଳୁଥିବା ଅନ୍ୟାନ୍ୟ ସୁବିଧା ପାଇବାକୁ ଅନୁମତି ଦିଆଯିବ, କିନ୍ତୁ ସେ ତାଙ୍କ ଚାକିରିରୁ ବହିଷ୍କାର ତାରିଖ 15.4.1987 ଠାରୁ 9.9.1992 ତାରିଖରେ ପ୍ରଦାନ କରାଯାଇଥିବା ନିମ୍ନ ଅପିଲିୟ ଅଦାଲତଙ୍କ ରାୟ ପର୍ଯ୍ୟନ୍ତ କୌଣସି ଦରମା ପାଇବାକୁ ହକଦାର ହେବେ ନାହିଁ ।]**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 3162/1997

10.10.96 ତାରିଖରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଏସ୍. ଏ. ସଂଖ୍ୟା 683/1996 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ରାକେଶ ୟୁ. ଉପାଧ୍ୟାୟ ଆବେଦନକାରୀଙ୍କ ପାଇଁ ।

ସୁନୀଲ ଗୁପ୍ତା ଏବଂ ପ୍ରମୋଦ ଦୟାଲ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ପଟ୍ଟନାୟକଙ୍କ** ଦ୍ୱାରା । ବାଦୀ ହେଉଛନ୍ତି ଆବେଦନକାରୀ ଏବଂ ଦ୍ୱିତୀୟ ଆବେଦନ ସଂଖ୍ୟା 683/1996 ରେ ଆହ୍ଲାବାଦ ହାଇକୋର୍ଟଙ୍କ ସମ୍ମାନୀୟ ଏକକ ବିଚାରପତିଙ୍କ ରାୟକୁ ବିରୋଧ କରିଛନ୍ତି । ବାଦୀ ଘୋଷଣାମୂଳକ ମକଦ୍ଦମା ରୁଜୁ କରି ଦାବି କରିଛନ୍ତି ଯେ, ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ 15.4.87 ରେ ଜାରି

କରାଯାଇଥିବା ଆଦେଶଟି ବେଆଇନ, ମନମୁଖୀ, ଅବୈଧ ଏବଂ କ୍ଷମତା ବହିର୍ଭୂତ ଥିଲା, ଏବଂ ସେହି ଆଦେଶକୁ ଅଗ୍ରାହ୍ୟ କରାଯାଉ ଏବଂ ବାଦୀ ଚାକିରିରେ କାର୍ଯ୍ୟରତ ଅଛନ୍ତି ବୋଲି ଘୋଷଣା କରାଯାଉ ଏବଂ ତା ସହିତ ଚାକିରିରୁ ବହିଷ୍କାର ହେବା ଦିନଠାରୁ ପ୍ରାପ୍ୟ ସମସ୍ତ ସୁବିଧା-ସୁଯୋଗ ପ୍ରଦାନ କରାଯାଉ । ଅର୍ଜିରେ ଅଭିଯୋଗ ହୋଇଥିଲା ଯେ ତାଙ୍କୁ ପ୍ରତିବାଦୀ ସଂଖ୍ୟା 2 ଙ୍କ ଜିଲ୍ଲା ସମବାୟ ବ୍ୟାଙ୍କରେ କିରାଣୀ ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ହିସାବ ଉପ-ବିଭାଗରେ ନିଯୁକ୍ତ କରାଯାଇଥିଲା । ସେ ସ୍ୱାସ୍ଥ୍ୟଗତ କାରଣରୁ ଛୁଟି ନେଇଥିଲେ ଏବଂ ବୀରେନ୍ଦ୍ର ନାଥ ନାମକ ଜଣେ ବ୍ୟକ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପରେ ବ୍ୟାଙ୍କ ଛାଡ଼ିଥିଲେ । ବାଦୀଙ୍କ ମତରେ କାର୍ଯ୍ୟକାରୀ ସଚିବ, ତାଙ୍କ ବିରୋଧରେ କୌଣସି ଅଭିଯୋଗ ଆଣିବା ପାଇଁ ସକ୍ଷମ ନଥିଲେ, ତଥାପି, ସେ କାର୍ଯ୍ୟରୁ ବେଆଇନ ଅନୁପସ୍ଥିତି ଭଳି ଗମ୍ଭୀର ଦୁର୍ବ୍ୟବହାରର ଅଭିଯୋଗ ଦର୍ଶାଇ ଏକ ଅଭିଯୋଗ ଫର୍ଦ୍ଦ ଜାରି କରିଥିଲେ, ପରିଶେଷରେ, କୌଣସି ବିଧିବଦ୍ଧ ତଦନ୍ତ ନକରି ଏବଂ ଅଭିଯୋଗକାରୀଙ୍କୁ ନିଜର ପକ୍ଷ ରଖିବା ପାଇଁ ସୁଯୋଗ ନଦେଇ, ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଚାକିରିରୁ ବାହାର କରିଦିଆଯାଇଥିଲା । ପ୍ରତିବାଦୀ ସଂଖ୍ୟା 2 ଏକ ଲିଖିତ ବିବୃତି ଦାଖଲ କରିଥିଲେ, ଅଭିଯୋଗରେ କରାଯାଇଥିବା ଦାବିକୁ ଅସ୍ୱୀକାର କରିଥିଲେ ଏବଂ ଆହୁରି କହିଥିଲେ ଯେ ବିନା ଅନୁମତିରେ କାର୍ଯ୍ୟରୁ କ୍ରମାଗତ ଅନୁପସ୍ଥିତି ଏକ ଗୁରୁତର ଅସଦାଚରଣ ଥିଲା, ଯାହା କାର୍ଯ୍ୟାନୁଷ୍ଠାନରେ ସ୍ଥାପିତ ହୋଇଥିଲା, ତେଣୁ, ବହିଷ୍କାର ଆଦେଶ ବୈଧ ଥିଲା । ଯଦିଓ ପ୍ରତିବାଦୀ ସଂଖ୍ୟା 2 ଏକ ଲିଖିତ ବିବୃତି ଦାଖଲ କରିଥିଲେ କିନ୍ତୁ ପରେ କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିନଥିଲେ । ତେବେ ଶେଷରେ ଏହି ମକଦ୍ଦମା ଖାରଜ ହୋଇଥିଲା । ବୈଚାରିକ ବିଚାରପତିଙ୍କ ରାୟ ଏବଂ ବିଚାରାଦେଶ ବିରୁଦ୍ଧରେ, ବାଦୀ ଏକ ଆବେଦନ ଆଗତ କରିଥିଲେ ଏବଂ ଯଦିଓ ବାଦୀମାନଙ୍କୁ ଡାକରା ସେବା ପ୍ରଦାନ କରାଯାଇଥିଲା, କିନ୍ତୁ ସେମାନେ କଦାପି ପ୍ରତିଦ୍ୱନ୍ଦ୍ୱିତା କରିନଥିଲେ ଏବଂ ଶେଷରେ ଆବେଦନଟିର ଏକ ତରଫା ଶୁଣାଣି କରାଯାଇଥିଲା । କାର୍ଯ୍ୟକାରୀ ସମ୍ପାଦକଙ୍କ ବରଖାସ୍ତ ଆଦେଶ ପାରିତ କରିବାର କ୍ଷମତା ନାହିଁ ବୋଲି ଅଭିଯୋଗକାରୀଙ୍କ ଯୁକ୍ତିକୁ ନିମ୍ନ ଅପିଲିୟ ଅଦାଲତ ପ୍ରତ୍ୟାଖ୍ୟାନ କରିଥିଲେ । କିନ୍ତୁ ଏହା ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ଦୋଷୀ କର୍ମଚାରୀଙ୍କ ଉପରେ ଏକ କିତା ସଙ୍ଗୀନ ଦୁର୍ବ୍ୟବହାର ଅଭିଯୋଗର କଳଙ୍କ ଲଗାଇ, ଚାକିରିରୁ ଯେଉଁ ବହିଷ୍କାର ଆଦେଶ ଦିଆଯାଇଛି, ସେଭଳି ଗୁରୁତ୍ୱପୂର୍ଣ୍ଣ ଦଣ୍ଡ ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ କରିବା ବାଧ୍ୟତାମୂଳକ ଥିଲା ଏବଂ ଯେହେତୁ ଏହି ମାମଲାରେ କୌଣସି ଅଭିଯୋଗ ଫର୍ଦ୍ଦ ପ୍ରଦାନ କରାଯାଇନଥିଲା କିମ୍ବା କାରଣ ଦର୍ଶାଅ ନୋଟିସ ଜାରି କରାଯାଇନଥିଲା ଏବଂ ଏହିପରି ପ୍ରାକୃତିକ ନ୍ୟାୟ ଓ ସୁବିଚାରର ନିୟମ ପାଳନ କରାଯାଇ ନଥିବାରୁ, ଏହି ଆକ୍ଷେପିତ ଆଦେଶ ବେଆଇନ, ଅବୈଧ ଓ ଅକାମୀ ଅଟେ ଏବଂ ଏହାକୁ ବଳବତ୍ତର ରଖାଯାଇ ପାରିବ ନାହିଁ । ନିମ୍ନ ଅପିଲିୟ ଅଦାଲତ, ଲିଖିତ ବିବୃତ୍ତିରେ କରାଯାଇଥିବା ଦାବିଗୁଡ଼ିକୁ ମଧ ବିଚାରକୁ ନେଇଥିଲେ, ଯେଉଁଥିରେ ଅର୍ଥ ହେରଫେର ଏବଂ ହିସାବ ଖାତା ଜାଲିଆତି ଭଳି ଗୁରୁତର ଅଭିଯୋଗ ବିଷୟରେ ଉଲ୍ଲେଖ କରାଯାଇଥିଲା । ୟୁ. ପି. ସମବାୟ ସମିତି ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥା ତଥା ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ସେବା ନିୟମ ଉପରେ ବିଚାର କରିବା ପରେ, ନିମ୍ନ ଅପିଲିୟ ଅଦାଲତ, ନିର୍ଣ୍ଣୟ ନେଇଥିଲେ ଯେ ବାଧ୍ୟତାମୂଳକ ବ୍ୟବସ୍ଥା ପାଳନ କରାଯାଇନଥିବାରୁ, ବହିଷ୍କାର ଆଦେଶ ତ୍ରୁଟିପୂର୍ଣ୍ଣ ଅଟେ । ଏହି ସିଦ୍ଧାନ୍ତ ସହିତ, ଆବେଦନକୁ ଅନୁମତି ଦିଆଯାଇଥିଲା, ତେଣୁ, ପ୍ରତିବାଦୀ-ବ୍ୟାଙ୍କ ଦ୍ୱିତୀୟ ଆବେଦନରେ ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ । ଦ୍ୱିତୀୟ ଅପିଲିୟ ଅଦଳତା ନିମ୍ନ ଅପିଲିୟ ଅଦଳତାଙ୍କ ସିଦ୍ଧାନ୍ତ ସହିତ ସହମତ ହୋଇଥିଲେ ଯେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା ଏବଂ ଚାକିରିରୁ ବହିଷ୍କାର ପୂର୍ବରୁ ଲିଖିତ ବିବୃତ୍ତିରେ ଯେଉଁ ପରିସ୍ଥିତିଗୁଡ଼ିକ ବିଷୟରେ ଦର୍ଶାଯାଇଥିଲା, ତାହା କେବେ ବି ନଥିଭୁକ୍ତ କରାଯାଇ ନଥିଲା, ତେଣୁ, ଏହି ବହିଷ୍କାର ଆଦେଶ କ୍ଷେତ୍ରାଧିକାର ବାହାରେ ଏବଂ ନିୟମାବଳୀ 85 ର ବିରୁଦ୍ଧ ଅଟେ ବୋଲି ନିମ୍ନ ଅପିଲିୟ ଅଦାଲତ ଯେଉଁ ରାୟ ଦେଇଥିଲେ, ତାହା ସଠିକ୍ ଭାବେ ନିର୍ଣ୍ଣୟ ହୋଇଥିଲା ।

କିନ୍ତୁ ନିମ୍ନ ଅପିଲିୟ ଅଦାଲତଙ୍କ ଏହି ନିଷ୍ପତ୍ତି ସହ ସହମତ ହୋଇଥିଲେ ଯେ, ଜଣେ କର୍ମଚାରୀଙ୍କୁ ଚାକିରିରୁ ବାହାର କରିବା ଆଦେଶଟି ବେଆଇନ ଏବଂ ଅବୈଧ ଥିଲା, କାରଣ ଏହା ଆଇନଗତ ପ୍ରକ୍ରିୟା ଅନୁସରଣ କରାଯାଇନଥିଲା କିନ୍ତୁ, ଏହା ସତ୍ତ୍ୱେ ଉଚ୍ଚ ନ୍ୟାୟାଳୟ ନିମ୍ନ ଅପିଲିୟ ଅଦାଲତଙ୍କ ରାୟ ଏବଂ ବିଚାରାଦେଶକୁ ଏହି ସିଦ୍ଧାନ୍ତରେ ଅଗ୍ରାହ୍ୟ କରିଦେଇଥିଲେ ଯେ, ଏହି ମାମଲାଟି ମୁଖ୍ୟତଃ ବ୍ୟକ୍ତିଗତ ସେବା ଚୁକ୍ତିକୁ ଲାଗୁ କରିବା ପାଇଁ ଉଦ୍ଦିଷ୍ଟ ଏବଂ ଏହି ମକଦ୍ଦମାକୁ କୌଣସି ଦେୱାନୀ ଅଦାଲତରେ ଅନୁରକ୍ଷଣୀୟ ନୁହେଁ ବୋଲି ଧରାଯିବ । ଏହି ଉପସଂହାର ପହଞ୍ଚିବା ପାଇଁ ବିଦ୍ୱାନ ବିଚାରପତି, *ବୈଶ ଡିଗ୍ରୀ କଲେଜର କାର୍ଯ୍ୟନିର୍ବାହୀ ସମିତି, ଶାମଲି ଏବଂ ଅନ୍ୟମାନେ ବନାମ ଲକ୍ଷ୍ମୀ ନାରାୟଣ ଏବଂ ଅନ୍ୟମାନେ*, [1976] 2 ଏସସିସି 58 ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିଥିଲେ ।

ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ ରାକେଶ ୟୁ ଉପାଧ୍ୟାୟ ଆମ ସମ୍ମୁଖରେ ଯୁକ୍ତି ବାଢ଼ିଥିଲେ ଯେ ୟୁ. ପି. ରାଜ୍ୟ ସମବାୟ ଭୂମୀ ବିକାଶ ବ୍ୟାଙ୍କକୁ ରାଜ୍ୟର ଏକ ଅନୁଷ୍ଠାନ ବୋଲି ଏହି ଅଦାଲତ ଦ୍ୱାରା ନିର୍ଣ୍ଣୟ ହୋଇଛି ଏବଂ ଧାରା 12 ଅନୁଯାୟୀ ଏକ କର୍ତ୍ତୃପକ୍ଷ ଭାବରେ ବିବେଚନା କରାଯାଇଛି ଏବଂ ଏହା ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ କର୍ମଚାରୀଙ୍କ ସେବା ସର୍ତ୍ତାବଳୀ, ବିଶେଷ କରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ, ବୈଧାନିକ ପ୍ରକୃତିର ଅଟେ । *ୟୁ. ପି. ରାଜ୍ୟ ସମବାୟ ଭୂମୀ ବିକାଶ ବ୍ୟାଙ୍କ ଲିମିଟେଡ୍ ବନାମ ଚନ୍ଦ୍ର ଭାନ ଦୁବେ ଏବଂ ଅନ୍ୟମାନେ* [1999] 1 ଏସସିସି 741 ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ଏହିପରି ନିର୍ଣ୍ଣୟ ହୋଇଛି । ପ୍ରତିବାଦୀ-ବ୍ୟାଙ୍କ, ୟୁ. ପି. ରାଜ୍ୟ ସମବାୟ ଭୂମୀ ବିକାଶ ବ୍ୟାଙ୍କ ଭଳି ସମାନ ସ୍ଥାନରେ ରହିଛି ଏବଂ ଏପରି ବ୍ୟାଙ୍କର ଜଣେ କର୍ମଚାରୀଙ୍କୁ ବରଖାସ୍ତ କରିବାର ଆଦେଶ ଯଦି ପ୍ରାକୃତିକ ନ୍ୟାୟର ନୀତି ଅନୁପାଳନ ନକରି ଏବଂ ଆଇନ ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟାକୁ ଅନୁସରଣ ନକରି ପାରିତ ହୋଇଥିବା ଜଣାପଡ଼େ, ତେବେ ଉକ୍ତ ଆଦେଶକୁ ଅବୈଧ ଘୋଷଣା କରାଯିବ, ତେଣୁ, ସେବା ଏକ ଚୁକ୍ତି ହୋଇଥିବା ସତ୍ତ୍ୱେ କର୍ମଚାରୀଙ୍କ ଅଧିକାରକୁ କାର୍ଯ୍ୟକାରୀ କରାଯାଇ ପାରିବ । ଶ୍ରୀ ଉପାଧ୍ୟାୟ ଆହୁରି ଯୁକ୍ତି ବାଢ଼ିଥିଲେ ଯେ *ଏସ୍. ଆର୍. ତିୱାରୀ ବନାମ ଜିଲ୍ଲା ବୋର୍ଡ, ଆଗ୍ରା*, [1964] 3 ଏସସିଆର୍ 55 ମାମଲାରେ, ଏହି ନ୍ୟାୟାଳୟ ଯେଉଁ ଆଇନ ପ୍ରଣୟନ କରିଛନ୍ତି, ତାହା ଦର୍ଶାଉଛି ଯେ କେଉଁ ପରିସ୍ଥିତିରେ ଜଣେ କର୍ମଚାରୀ ତାଙ୍କର ବରଖାସ୍ତକୁ ଭୁଲ୍ ବୋଲି ଏକ ଘୋଷଣାତ୍ମକ ରାୟ ପାଇପାରିବେ, ବର୍ତ୍ତମାନର ଏହି ମାମଲାରେ, ବାଦୀ ଏବଂ ପ୍ରତିବାଦୀ-ବ୍ୟାଙ୍କ ମଧ୍ୟରେ ସମ୍ପର୍କ ହେଉଛି ଏକ ବିଧିଗତ ସଂସ୍ଥା ଅଧୀନରେ ନିଯୁକ୍ତି, ଯେହେତୁ ସେହି ବିଧିଗତ ସଂସ୍ଥା ନିଜର ଆଇନଗତ ବାଧ୍ୟତାମୂଳକ କର୍ତ୍ତବ୍ୟକୁ ଉଲ୍ଲଂଘନ କରିଛି, ତେଣୁ ସେହି ଚୂଡ଼ାନ୍ତ ଆଦେଶଟି ଅବୈଧ ଅଟେ, ଏହି ଆଧାରରେ ବାଦୀ ଦାବି କରୁଥିବା ଘୋଷଣାନାମା ପାଇବାକୁ ହକଦାର ଥିଲେ ଏବଂ ନିମ୍ନ ଅପିଲିୟ ଅଦାଲତଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କରି ଉଚ୍ଚ ନ୍ୟାୟାଳୟ ଏକ ଗୁରୁତର ତ୍ରୁଟି କରିଛନ୍ତି । ଶ୍ରୀ ଉପାଧ୍ୟାୟ ଏହା ମଧ୍ୟ କହିଥିଲେ ଯେ *ସିରସି ପୌରପାଳିକା*, ମାମଲା [1973] 1 ଏସସିସି 409 ରେ ସାମ୍ବିଧାନିକ ବିଚାରପୀଠଙ୍କ ନିର୍ଣ୍ଣୟ ତାଙ୍କ ଯୁକ୍ତିକୁ ସମ୍ପୂର୍ଣ୍ଣ ସମର୍ଥନ କରେ ଏବଂ ବୈଧାନିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ବରଖାସ୍ତ ଆଦେଶ ପ୍ରାକୃତିକ ନ୍ୟାୟର ନୀତିକୁ ପାଳନ ନକରିବା ତଥା ଏକ ବଡ଼ ଜୋରିମାନା ଲାଗୁ କରିବା ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟାକୁ ଅନୁସରଣ ନକରିବା ଯୋଗୁ, ନିଯୁକ୍ତି ଚୁକ୍ତି ସତ୍ତ୍ୱେ, ଦାବି କରାଯାଇଥିବା ଘୋଷଣାନାମାକୁ ମଞ୍ଜୁର କରାଯାଇପାରିବ, ତେଣୁ, ଆକ୍ଷେପିତ ରାୟକୁ ଆଇନଗତ ଭାବେ ଅସମର୍ଥନୀୟ ବୋଲି ଧରାଯିବା ଉଚିତ ।

ଅନ୍ୟପକ୍ଷରେ, ଉତ୍ତରଦାତାଙ୍କ ପାଇଁ ଶ୍ରୀ ସୁନୀଲ ଗୁପ୍ତା, *ସମନ୍ୱିତ ଗ୍ରାମୀଣ ବିକାଶ ସଂସ୍ଥା ବନାମ ରାମ ପ୍ୟାରେ ପାଣ୍ଡେ*, [1995] ଏସୟୁପିପି. 2 ଏସସିସି 495 ମାମଲାରେ ଏହି ନ୍ୟାୟାଳୟର ରାୟ ଉପରେ ନିର୍ଭର କରିଥିଲେ, ଏବଂ ଉପସ୍ଥାପନ କରିଥିଲେ ଯେ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ମଧ୍ୟରେ ଥିବା ସମ୍ପର୍କ ସମ୍ପୂର୍ଣ୍ଣ ଭାବେ ଚୁକ୍ତିଭିତ୍ତିକ ହୋଇଥିବାରୁ,

ବରଖାସ୍ତ ଆଦେଶ ବେଆଇନ ହୋଇଥିବା ସତ୍ତ୍ୱେ ଏହାକୁ ଦେୱାନୀ ନ୍ୟାୟାଳୟ ଦ୍ୱାରା ଲାଗୁ କରାଯାଇପାରିବ ନାହିଁ, ତେଣୁ, ଦେୱାନୀ ଅଦାଲତ ସେବା ଚୁକ୍ତିର ନିର୍ଦ୍ଦିଷ୍ଟ ନିଦାନ ମଞ୍ଜୁରୀ ପାଇଁ ଅନୁମତି ଦେଇପାରିବେ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ଯେଉଁ ନିର୍ଣ୍ଣୟ ନେଇଛନ୍ତି, ତାହା ଯଥାର୍ଥ ଥିଲା ।

ଉଭୟ ପକ୍ଷର ଯୁକ୍ତିକୁ ବିଚାରକୁ ନେଇ, ପ୍ରଥମ ପ୍ରଶ୍ନ ଯାହା ବିଚାର ପାଇଁ ଉଠୁଛି ତାହା ହେଲା, ପ୍ରତିବାଦୀ-ଜିଲ୍ଲା ସମବାୟ ବ୍ୟାଙ୍କର ସ୍ଥିତି କ'ଣ ରହିଛି? ଉକ୍ତ ବ୍ୟାଙ୍କର ସ୍ଥିତି ନିଃସନ୍ଦେହରେ ଏକ ସମବାୟ ସମିତିର ମାନ୍ୟତା ପାଇଛି, ଯାହା ୟୁ. ପି. ସମବାୟ ସମିତି ଅଧିନିୟମ, 1965 ଅଧୀନରେ ପଞ୍ଜୀକୃତ ହୋଇଛି ଏବଂ ୟୁ. ପି. ସମବାୟ ଭୂମୀ ବିକାଶ ବ୍ୟାଙ୍କ ଅଧିନିୟମ, 1964 ଅନୁଯାୟୀ ଗଠିତ ହୋଇଛି । କିନ୍ତୁ ନିୟମାବଳୀ, ଉପ-ନିୟମ ଏବଂ ବ୍ୟବସ୍ଥାଗୁଡ଼ିକର ବିଭିନ୍ନ ଦିଗକୁ ପରୀକ୍ଷା କଲେ ସ୍ପଷ୍ଟ ଭାବରେ ଜଣାପଡେ ଯେ, ରାଜ୍ୟ ସରକାର ଉତ୍ତରଦାତା ବ୍ୟାଙ୍କ ଏବଂ ଏହାର କର୍ମଚାରୀମାନଙ୍କ ଉପରେ ସର୍ବାଧିକ ନିୟନ୍ତ୍ରଣ ରଖନ୍ତି ଏବଂ ଏହି କର୍ମଚାରୀମାନଙ୍କ ସେବା ସର୍ତ୍ତାବଳୀ, ବିଧିଗତ ନିୟମ ଦ୍ୱାରା ପରିଚାଳିତ ହୁଏ, ଯେଉଁଥିରେ ଦୋଷୀ କର୍ମଚାରୀଙ୍କୁ କାରଣ ଦର୍ଶାଇବା ଏବଂ ଶୁଣାଣିର ସୁଯୋଗ ଦେବାର ଆବଶ୍ୟକତାକୁ ପାଳନ କରିବା ପରେ, ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଉପଯୁକ୍ତ ଦଣ୍ଡ ବିଧାନ କରିବା ପର୍ଯ୍ୟନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମଗ୍ର ପ୍ରକ୍ରିୟାକୁ ନିର୍ଦ୍ଧାରଣ କରେ । ଏହି ପରିପ୍ରେକ୍ଷୀରେ ଏବଂ ଏହି ମାନ୍ୟବର ନ୍ୟାୟାଳୟଙ୍କ ଦ୍ୱାରା *ୟୁ. ପି. ରାଜ୍ୟ ସମବାୟ ଜମି ବିକାଶ ବ୍ୟାଙ୍କ ଲିମିଟେଡ ବନାମ ଚନ୍ଦ୍ର ଭାନ ଦୁବେ ଏବଂ ଅନ୍ୟମାନେ,* [1999] ଏସସିସି 741 ମାମଲାରେ ଦିଆଯାଇଥିବା ରାୟକୁ ଦୃଷ୍ଟିରେ ରଖି ଏହି ନିଷ୍କର୍ଷରେ ପହଞ୍ଚିବା ଅପରିହାର୍ଯ୍ୟ ଯେ, ପ୍ରତିପକ୍ଷ ବ୍ୟାଙ୍କ ନିଃସନ୍ଦେହରେ ରାଜ୍ୟର ଏକ ଅନୁଷ୍ଠାନ ଅଟେ । ଥରେ ଏହା ନିର୍ଣ୍ଣୟ ହୋଇଛି ଯେ ପ୍ରତିବାଦୀ ଏକ ବୈଧାନିକ ସଂସ୍ଥା ଏବଂ ଏକ ରାଜ୍ୟ ଅଟେ ଏବଂ ଯଦି ଜଣେ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସମୟରେ ଏହା ନିୟମାବଳୀର ବାଧ୍ୟତାମୂଳକ ବ୍ୟବସ୍ଥାଗୁଡ଼ିକୁ ପାଳନ କରିନାହିଁ ତଥା ପ୍ରାକୃତିକ ନ୍ୟାୟର ନୀତିକୁ ଉଲ୍ଲଂଘନ କରିଛି, ତେବେ ସେଠାରେ ଏକ ବ୍ୟତିକ୍ରମ ଲାଗୁ ହେବ, ସାଧାରଣତଃ ବ୍ୟକ୍ତିଗତ ସେବା ଚୁକ୍ତି ଜବରଦସ୍ତି ଲାଗୁ କରାଯାଇପାରେ ନାହିଁ, କିନ୍ତୁ ଯେପରି *ଏସ୍. ଆର୍. ତିୱାରୀଙ୍କ* ମାମଲା [1964] 2 ଏସସିଆର୍ 55, ଯାହା *ବୈଶ୍ ଡିଗ୍ରୀ କଲେଜ,* ମାମଲା [1976] 2 ଏସସିସି 58 ରେ ମଧ୍ୟ ନିର୍ଭର କରାଯାଇ, ଦର୍ଶାଯାଇଥିବା ତୃତୀୟ ବ୍ୟତିକ୍ରମ ଅନୁଯାୟୀ, ଏଭଳି କ୍ଷେତ୍ରରେ କୋର୍ଟ ବହିଷ୍କାର ଆଦେଶକୁ ରଦ୍ଦ କରି କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେଇପାରିବେ ତେଣୁ, ଏହି ପରିପ୍ରେକ୍ଷୀରେ ଉଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ ବୋଲି ବିବେଚନା କରାଯିବ । *ସମନ୍ୱିତ ଗ୍ରାମୀଣ ବିକାଶ ସଂସ୍ଥା,* [1995] ଏସୟୁପିପି. 2 SCC 495 ମାମଲାର ନିଷ୍ପତ୍ତି ଏଠାରେ ପ୍ରଯୁଜ୍ୟ ହେବ ନାହିଁ, କାରଣ, ସେହି ମାମଲାରେ ସଂସ୍ଥାଟିକୁ ରାଜ୍ୟର ଏକ ଅନୁଷ୍ଠାନ ବୋଲି ଧରାଯାଇନଥିଲା ଏବଂ ସେଠାରେ ସମାଜର ବ୍ୟାପାର ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ନଥିଲା, ସେଥିପାଇଁ, ସେହି ମାମଲାରେ ମାଲିକ-ଶ୍ରମିକ ସମ୍ପର୍କ କେବଳ ଏକ ଚୁକ୍ତି ଆଧାରିତ ଥିଲା, ଯେଉଁଥିରେ ସେବା ଚୁକ୍ତିର ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ନିଦାନ ପ୍ରଦାନ କରାଯାଇ ପାରିବ ନାହିଁ । କିନ୍ତୁ ଆମର ବିଚାରରେ, ପୂର୍ବୋକ୍ତ ନିଷ୍ପତ୍ତିଟି ବର୍ତ୍ତମାନର ମାମଲାର ତଥ୍ୟ ଏବଂ ପରିସ୍ଥିତି ପ୍ରତି ପ୍ରଯୁଜ୍ୟ ନୁହେଁ । ଉପରୋକ୍ତ ପରିପ୍ରେକ୍ଷୀରେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ କୌଣସି ଦ୍ୱିଧା କରୁନାହୁଁ ଯେ, ନିମ୍ନ ଅପିଲିୟ ଅଦାଲତଙ୍କ ରାୟ ଏବଂ ବିଚାରାଦେଶରେ ହସ୍ତକ୍ଷେପ କରି ଉଚ୍ଚ ନ୍ୟାୟାଳୟ ଆଇନର ଗମ୍ଭୀର ତ୍ରୁଟି କରିଛନ୍ତି । ତେଣୁ, ଆମେ ଦ୍ୱିତୀୟ ଅପିଲ ସଂଖ୍ୟା 683/1996 ରେ ପ୍ରଦାନ କରାଯାଇଥିବା ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟ ଏବଂ ବିଚାରାଦେଶକୁ ଅଗ୍ରାହ୍ୟ କରୁଛୁ ଏବଂ ଗାଜିପୁରର ପ୍ରଥମ ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ବିଚାରାଦେଶକୁ ନିଶ୍ଚିତ କରୁଛୁ ଏବଂ ଫଳସ୍ୱରୂପ ମକଦ୍ଦମାରେ ବିଚାରାଦେଶ ପ୍ରଦାନ କରାଗଲା ।

ତଥାପି, ଆମେ ପୁନଶ୍ଚ ନିର୍ଣ୍ଣୟ ନେଉଛୁ ଯେ ଯଦିଓ ବାଦୀଙ୍କୁ ତାଙ୍କର ସେବା ଜାରି ରଖିବା ଏବଂ ଅନ୍ୟ କୌଣସି ସୁବିଧା ପ୍ରଦାନ କରିବାର ଅନୁମତି ଦିଆଯିବ, ଯାହା ସେପରି ସେବା ଜାରି ରଖିବା କାରଣରୁ ହୋଇଥାଏ, ତଥାପି ସେ 15.4.1987 ତାରିଖରେ ତାଙ୍କ ଅବସର ଗ୍ରହଣ ଠାରୁ 9.9.1992 ତାରିଖରେ ନିମ୍ନ ଅପିଲିୟ ଅଦାଲତଙ୍କ ରାୟ ପାରିତ ପର୍ଯ୍ୟନ୍ତ କୌଣସି ଦରମା ପାଇବାକୁ ହକଦାର ହେବେ ନାହିଁ ।

ଉପରୋକ୍ତ ନିର୍ଦ୍ଦେଶ ଏବଂ ପର୍ଯ୍ୟବେକ୍ଷଣ ସହିତ ଏହି ଆବେଦନକୁ ତଦନୁସାରେ ଅନୁମତି ଦିଆଯାଇଛି । ତେବେ ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଭି. ଏମ୍. ଆବେଦନର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।